ନିତିଦିନ NITIDIN

**ବେଳାଭୂମିରୁ ଡଲ୍ଫିନ୍ ଉଦ୍ଧାର**

**କୋଣାର୍କ,୧୫।୫/ଏନ୍‌ଏନ୍‌ଏସ୍ :** ମଙ୍ଗଳବାର ଅପରାହ୍ନରେ ରାମଚଣ୍ଡୀ ମୁହାଣଠାରୁ ପୁରୀ ଆଡକୁ ଦୁଇ କିଲୋମିଟର ଦୂର ବଙ୍ଗୋପସାଗର ବେଳାଭୂମିରୁ ଗୋଟିଏ ୪ଫୁଟ୍ ଲମ୍ବ ବିଶିଷ୍ଟ କଳାରଙ୍ଗର ଡଲଫିନ୍ ଉଦ୍ଧାର କରାଯାଇଛି। ସମୁଦ୍ର କୂଳରେ ଲାଗିଥିଲା ବେଳେ ବେଳାଭୂମି ପରିଦର୍ଶନରେ ଯାଇଥିବା କେତେକ ଯୁବକ ଡଲଫିନ୍‌ଟିକୁ ଉଦ୍ଧାର କରି ସମୁଦ୍ର ଜଳରାଶିରେ ଛାଡିଥିଲେ। ବାରମ୍ବାର ଡଲଫିନ୍‌ଟି ଢେଉ ମାଡରେ କୂଳକୁ ଫେରିଆସିବାରୁ ଏ ସମ୍ପର୍କରେ ବନପାଳୀ ବିଭାଗର ପୁରୀ ଡିଭିଜନକୁ ଜଣାଇଥିଲେ। ଦୁଇଜଣ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଡଲଫିନ୍‌ଟିକୁ ଜୀବିତ ଅବସ୍ଥାରେ ବେଳାଭୂମିରୁ ଉଦ୍ଧାର କରି ତାକୁ ବାଲିରେ ଘୋଷାରି ଘୋଷାରି ପୁରୀ ନେଇଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ।



# ହତ୍ୟାକାଣ୍ଡ ସନ୍ଦେହରେ ପୁଲିସ୍ ନାକେଦମ୍

**ବଲାଙ୍ଗୀର, ୧୫।୫/ଏନ୍‌ଏନ୍‌ଏସ୍ :** ନାହାମଙ୍ଗ ଗ୍ରାମ ଚନ୍ଦନପୁର ବ୍ରାଞ୍ଚ କେନାଲ ବନ୍ଧ ପାଖରେ ଏକ ବାଇକ୍ ପଡିଥିବା ବେଳେ ପାଖରେ ରକ୍ତ ଛିଟା ଲାଗିଥିଲା। ହତ୍ୟାକାଣ୍ଡ ସନ୍ଦେହ କରି ଆଜି ସକାଳୁ ପୁଲିସ କର୍ମଚାରୀମାନେ ନାକେଦମ ହୋଇପଡିଥିଲେ। ଏହା ଏକ ଦୁର୍ଘଟଣା ଏବଂ ଆହତ ଜଣକ ମେଡିକାଲରେ ଚିକିତ୍ସାଧୀନ ଥିବା ଜାଣିବା ପରେ ପୁଲିସ୍‌କୁ ଆଶ୍ୱସ୍ତି ମିଳିଥିଲା। ଆଜି ସକାଳୁ ନାହାମଙ୍ଗ ଗାଁର ମୁଣ୍ଡର ଚନ୍ଦନପୁର ବ୍ରାଞ୍ଚ କେନାଲ ବନ୍ଧ ପାଖରେ ବାଇକ୍ ପଡିଥିବା ଖବର ପାଇ ପୁଲିସ୍ ପାଖ ବଣବୁଦା ଓ ଜଙ୍ଗଲରେ ଖୋଜାଖୋଜି ଚଳାଇଥିଲା। ୨ଘଣ୍ଟାର ପରିଶ୍ରମ ପରେ ବି କୈଣସି ସନ୍ଧାନ ମିଳିନଥିଲା। ଜଣେ ବ୍ୟକ୍ତି ଆସି ପଡିଥିବା ବାଇକ୍‌ଟି ସାହାଡାପଡ଼ା ଗ୍ରାମର କୁନା ଶତପଥୀଙ୍କ ବୋଲି ଖବର ଦେଇଥିଲେ। ସେ ବିଳମ୍ବିତ ରାତ୍ରିର ବଲାଙ୍ଗୀରୁ ଫେରୁଥିବା ସମୟରେ ଗାଡି ସହ କେନାଲ ଭିତରକୁ ଖସିପଡି ଖଣ୍ଡିଆ ଖାବରା ହୋଇଥିଲେ। ସଙ୍ଗେ ସଙ୍ଗେ ୧କିମି ଦୂରରେ ଥିବା ନିଜ ଘରକୁ ଯାଇ ରାତାରାତି ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଯାଇଛନ୍ତି। ପୁଲିସ ବାଇକ୍‌ଟିକୁ ଜବତ କରି ଥାନାକୁ ନେଇଥିବା ଜଣାପଡିଛି।

# ମୁଣ୍ଡିଆ ହନୁମାନ ପୀଠରୁ ହୁଣ୍ଡିଭାଙ୍ଗି ଚୋରି

**ଖଣ୍ଡପଡ଼ା ୧୫।୫/ଏନ୍‌ଏନ୍‌ଏସ୍ :** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥିତ ମୁଣ୍ଡିଆ ହନୁମାନ ପୀଠରୁ ସୋମବାର ବିଳମ୍ବିତ ରାତ୍ରିରେ ୪ଟି ହୁଣ୍ଡିଭାଙ୍ଗି ଦୁର୍ବୃତ୍ତମାନେ ପୁଣି ଟଙ୍କାପଇସା ଚୋରି କରିନେଇଛନ୍ତି। ଏନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ, ଗତ ୩ ମାସ ତଳେ ମଧ୍ୟ ଉକ୍ତ ପୀଠରୁ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ଯୁବକଙ୍କ ହାତଥିବା ପୁଲିସ ସନ୍ଦେହ କରୁଛି। ଘଟଣାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ଦିଗରେ ଖଣ୍ଡପଡ଼ା ଆଇଆଇସି ଦୃଷ୍ଟି ଦେବାକୁ ସରପଞ୍ଚ ବୈକୁଣ୍ଠନାଥ ଗୋଚ୍ଛି ଦାବି କରିଛନ୍ତି।

# ମହିଳା ସୁରକ୍ଷା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ନରସିଂହପୁର,୧୪।୫/ଏନ୍‌ଏନ୍‌ଏସ୍ :** ନରସିଂହପୁର ମୁକ୍ତି ପାଠାଗାର ଠାରେ ବିଜେପି ତରଫରୁ ମହିଳା ସୁରକ୍ଷା ଯାତ୍ରା ସୁରକ୍ଷା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ହେମନ୍ତ ଚୌଧୁରୀ, ଆଠଗଡ଼ ସମ୍ପାଦକ ରାମନାରାୟଣ ମହାନ୍ତି, ରାଜ୍ୟ ସଂଯୋଜକ ସରୋଜ ରଣା, ଜିଲ୍ଲା ସଂଯୋଜକ ତ୍ରିପୁରା ଦେହୁରୀ, ମାଳତୀ ରଣା, ନୀଳାମ୍ବର ବାରିକ, ପ୍ରଦୋଶ ପଣ୍ଡା, ମନୋଜ ପଣ୍ଡା ପ୍ରମୁଖ ଛାମୁଆ କର୍ମୀମାନେ ଉପସ୍ଥିତ ଥିଲେ। ଆଗାମୀ ୨୧ ତାରିଖରେ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ବୈଠକରେ ନାରୀମାନଙ୍କ ଉପରେ ହେଉଥିବା ଥାନାରେ ଅତ୍ୟାଚାର ଓ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ହୋଇଥିବା ବର୍ବର କାଣ୍ଡ ବିଷୟରେ ଆଲୋଚନା କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ରୋଚକ ମୋଡ଼ରେ...

ସେ ସାମ୍ବାଦିକମାନଙ୍କୁ କହିଛନ୍ତି, "ଗଣତନ୍ତ୍ରରେ ଜନାଦେଶକୁ ଆମକୁ ଗ୍ରହଣ କରିବାକୁ ହେବ। ଝୁଲା ବିଧାନସଭା ହୋଇଥିବାରୁ କଂଗ୍ରେସ ଜେଡିଏସ୍‌କୁ ସରକାର ଗଠନରେ ସମର୍ଥନ ଦେବ। ଏହା ଆମର ସର୍ବସମ୍ମତ ନିଷ୍ପତ୍ତି।" ଆଜି ଫଳାଫଳର ସ୍ଥିତି ସ୍ପଷ୍ଟ ହୋଇଯିବା ପରେ ଦିଲ୍ଲୀରୁ ବିଜେପି ଓ କଂଗ୍ରେସର ବହୁ ନେତୃବୃନ୍ଦ ବେଙ୍ଗାଲୁରୁରେ ପହଞ୍ଚି ଥିଲେ। ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରକାଶ ଜାଭଡେକର୍ ଓ ଜେପି ନଡ୍ଡା ବେଙ୍ଗାଲୁରୁରେ ପହଞ୍ଚିଥିଲା ବେଳେ ପୂର୍ବରୁ କଂଗ୍ରେସର ବରିଷ୍ଠ ନେତା ଗୁଲାମନବୀ ଆଜାଦ ମଧ୍ୟ ଦଳୀୟ ଶିବିରରେ ପହଞ୍ଚି ମନ୍ତ୍ରଣା ଚଳାଇଥିଲେ। କଂଗ୍ରେସ ଜେଡିଏସ୍ ସହ ହାତ ମିଳାଇଥିବାରୁ ବିଜେପି ନେତା ୟେଦ୍ଦୁରାପ୍ପା ଏହାର କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ଯେକୌଣସି ଉପାୟରେ କ୍ଷମତାରେ ରହିବାକୁ ଚାହୁଁଛି। ସିଦ୍ଦରାମୈୟା ସରକାରକୁ କର୍ଣ୍ଣାଟକବାସୀ ପ୍ରତ୍ୟାଖ୍ୟାନ କରିବା ସତ୍ତ୍ୱେ କଂଗ୍ରେସ କ୍ଷମତାକୁ ଜାବୁଡ଼ି ଧରିବାକୁ ଚାହୁଁଛି। ତେବେ କର୍ଣ୍ଣାଟକବାସୀ ଏହାକୁ କଦାପି ଗ୍ରହଣ କରିବେ ନାହିଁ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିଶନ୍ ପକ୍ଷରୁ କୁହାଯାଇଛି ଯେ, କଂଗ୍ରେସ ୩୭.୯% ଭୋଟ୍ ପାଇଥିଲା ବେଳେ ବିଜେପି ୩୬.୨% ଓ ଜେଡିଏସ୍ ୧୮.୪% ଭୋଟ୍ ପାଇଛି।

### କଂଗ୍ରେସରେ...

ଆଶଙ୍କା ସୃଷ୍ଟି ହୋଇଛି। ଏପରି ହେଲେ ବିଜେପି ବେଶ ଆରାମରେ କର୍ଣ୍ଣାଟକରେ ସରକାର ଗଠନ କରିପାରିବ। କାରଣ ଯଦି କଂଗ୍ରେସର ବିଦ୍ରୋହୀ ବିଧାୟକମାନେ ଇସ୍ତଫା ଦିଅନ୍ତି, ତା'ହେଲେ ବିଧାନସଭାରେ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ୍ ନମ୍ବର ମଧ୍ୟ ହ୍ରାସ ପାଇଯିବ। ତେଣୁ ବିଜେପି ଏହା ଉପରେ ନଜର ରଖି ଗୋଟି ଚାଳନା ଆରମ୍ଭ କରିଥିବା କୁହାଯାଉଛି।

### ଫ୍ଲାଏଓଭର୍ ଭୁଶୁଡ଼ି...

କେଶବ ପ୍ରସାଦ ମୌର୍ଯ୍ୟ ଓ ମନ୍ତ୍ରୀ ନୀଳକଣ୍ଠ ତିୱାରୀ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମନ୍ତ୍ରୀ ସିଦ୍ଧାର୍ଥନାଥ ସିଂହ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ଫ୍ଲାଏଓଭର୍‌ର ପିଲାର୍ (ଖୁଣ୍ଟ) ହଠାତ୍ ଭାଙ୍ଗିଯିବାରୁ ସେହି ବାଟ ଦେଇ ଯାଉଥିବା ଲୋକଙ୍କ ଉପରେ ବ୍ରିଜ୍‌ର ଏକ ଅଂଶ ଖସିପଡ଼ିଥିଲା। ସେଠାରେ କେତେକ ଯାନବାହନ ପାର୍କିଂ ହୋଇ ରହିଥିଲା। ଅସମର୍ଥିତ ସୂତ୍ର ଅନୁଯାୟୀ, ଧ୍ୱଂସସ୍ତୂପ ତଳେ ପ୍ରାୟ ୨ ଡଜନ୍ ଲୋକ ରହିଯାଇଛନ୍ତି। ଲହରତାରା ଓ ଚୌକାଘାଟ୍ ମଧ୍ୟରେ ସଂଯୋଗ ପାଇଁ ଏହି ଫ୍ଲାଏଓଭର୍ ନିର୍ମାଣ କରାଯାଉ ଥିଲା।

ନିର୍ମାଣଧୀନ୍ ବ୍ରିଜର ଦୁଇଟି କଂକ୍ରିଟ୍ ବିମ୍ ୪୦ ଫୁଟ୍ ଉଚ୍ଚରୁ ଖସି ପଡ଼ିଥିଲା। ଫଳରେ ଏହା ତଳେ ଗୋଟିଏ ବସ୍, ୨ଟି ଏସ୍‌ୟୁଭି, ୨ଟି କାର, ଅଟୋ ଓ ୨ଟି ବାଇକ୍ ସମେତ ୯ଟି ଗାଡ଼ି ଚାପି ହୋଇଯାଇଥିଲା। ଖବର ପାଇ ଏନ୍‌ଡିଆର୍‌ଏଫ୍‌ର ୩୫୦ ଜଣ ସଦସ୍ୟ, ସେନା ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। କ୍ରେନ୍ ସାହାଯ୍ୟରେ ବିମ୍‌ଗୁଡ଼ିକୁ ଉଠାଇବାକୁ ପ୍ରାୟ ୫ ଘଣ୍ଟା ସମୟ ଲାଗିଥିଲା। ଉଦ୍ଧାରକାରୀ ଦଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକ ଭଗ୍ନଧ୍ୱଂସସ୍ତୂପ ତଳୁ ଲୋକଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୩ ଜଣିଆ ପ୍ୟାନେଲ୍ ୪୮ ଘଣ୍ଟା ମଧ୍ୟରେ ଦୁର୍ଘଟଣାର କାରଣ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କୁହାଯାଇଛି। ଏଥିସହ ସେ ମୃତକଙ୍କ ପରିବାର ପିଛା ୫ ଲକ୍ଷ ଓ ଆହତଙ୍କ ପିଛା ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ଉଦ୍ଧାର କାର୍ଯ୍ୟ ଓ ପରିସ୍ଥିତି ଉପରେ ୟୁପି ସରକାର ନଜର ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଘଟଣାରେ ଉପରାଷ୍ଟ୍ରପତି ଏମ୍ ଭେଙ୍କିୟା ନାଇଡୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୋଦି କହିଛନ୍ତି, ଉତ୍ତରପ୍ରଦେଶ ସରକାର ପରିସ୍ଥିତି ତଦାରଖ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବାରାଣସୀ ହେଉଛି ମୋଦିଙ୍କ ନିର୍ବାଚନମଣ୍ଡଳୀ। ପ୍ରଧାନମନ୍ତ୍ରୀ ଟ୍ୱିଟର୍‌ରେ କହିଛନ୍ତି, "ନିର୍ମାଣାଧୀନ ଫ୍ଲାଏଓଭର ଭୁଶୁଡ଼ି ଯେଭଳି ଜୀବନହାନି ଘଟିଲା, ସେଥିରେ ମୁଁ ଗଭୀର ମର୍ମାହତ। ମୁଁ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ଅଧିକାରୀମାନଙ୍କ ସହିତ ଆଲୋଚନା କରିଛି ଏବଂ ପୀଡ଼ିତଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାକୁ ସେମାନଙ୍କୁ କହିଛି।" ଅନ୍ୟ ଏକ ଟ୍ୱିଟ୍‌ରେ ସେ କହିଛନ୍ତି, ମୁଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କଥା ହୋଇଛି। ୟୁପି ସରକାର ପରିସ୍ଥିତିର ତଦାରଖ କରୁଛନ୍ତି। ସେହିପରି ଉପରାଷ୍ଟ୍ରପତି ନାଇଡୁ ଟ୍ୱିଟର୍‌ରେ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ବିସ୍ଫୋରକ...

ଦିଆଯାଇପାରିବ ନାହିଁ ବୋଲି ଆଜି ରାଜସ୍ୱମନ୍ତ୍ରୀ କହିଛନ୍ତି। ରାଜସ୍ୱ ବିଭାଗର ସଫଳତା ବିଷୟରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବ ଆର୍ଥିକ ବର୍ଷ ଅପେକ୍ଷା ୨୦୧୭-୧୮ ମସିହାରେ ଅଧିକ ୧ ଲକ୍ଷ ୨୯ ହଜାର ୬୩୫ଟି ମ୍ୟୁଟେସନ ମାମଲାର ଫଇସଲା କରାଯାଇଛି। ଏଗୁଡ଼ିକରେ ସ୍ୱଚ୍ଛତା ଆଣିବା ଲାଗି ତହସିଲମାନଙ୍କରେ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଆଗୁଆ ବାତ୍ୟା ସୂଚନା ପାଇଁ ଆଲର୍ଟ ସାଇରନ୍ ଟାୱାର୍ ନିର୍ମାଣ କରାଯାଇଛି।

ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ରାଜ୍ୟରେ ୮୭୯ଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ରାଜ୍ୟରେ ପାଣିପାଗ ସମ୍ପର୍କିତ ସୂଚନା ଆହରଣ ଓ ମରୁଡ଼ି ପରିସ୍ଥିତିର ସଠିକ୍ ପରିଚାଳନା ନିମନ୍ତେ ରାଜ୍ୟ ମରୁଡ଼ି ପର୍ଯ୍ୟବେକ୍ଷଣ କେନ୍ଦ୍ର ଗଠନ କରାଯାଇଛି। ରାଜ୍ୟର ୩୨୦ଟି ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ ଷ୍ଟେସନ୍ ଓ ପ୍ରାୟ ୬ ହଜାରଟି ସ୍ଥାନରେ ସ୍ୱୟଂଚାଳିତ ବର୍ଷା ପରିମାପକ ଯନ୍ତ୍ର ଖଞ୍ଜାଯିବା ପାଇଁ ପଦକ୍ଷେପ ନିଆଯାଇଛି। ସେହିପରି ବର୍ଷା ଓ ମରୁଡ଼ିଜନିତ କ୍ଷୟକ୍ଷତି ଅର୍ଥ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବିଶୁଦ୍ଧ ପାନୀୟଜଳରୁ ବଞ୍ଚିତ ଏକାଧିକ ଗ୍ରାମ

**ନରଡା,୧୪।୫/ଏନ୍‌ଏନ୍‌ଏସ୍:** ବାଲିପାଟଣା ବ୍ଲକର କୁରଞ୍ଜିପୁର ପଞ୍ଚାୟତରେ ୧୦ଟି ଗ୍ରାମର ପ୍ରାୟ ୭୦୦୦ ପରିବାର ଓଡ଼ିଶା ସରକାରଙ୍କ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ବନ୍ୟାରେ ଗ୍ରାମଗୁଡିକ ଉବୁଟୁବୁ ହେଉଥିବା ସମୟରେ ପାନୀୟ ଜଳର ଘୋର ସମସ୍ୟା ସୃଷ୍ଟି ହୋଇଥାଏ। ବିଶୁଦ୍ଧ ପାନୀୟଜଳରୁ ବଞ୍ଚିତ ଗ୍ରାମଗୁଡ଼ିକ ହେଲା ଇନ୍ଦୋଳ କୁଶିଆରି, ଘାଷିଅଲୋଟି, ଦଳକଷୋଟି, ସାନମାଛପୁର , ନିଶ୍ଚିନ୍ତପୁର, ଆରପଦା, ସୋଧୁଅ ଓ କୁରଞ୍ଜିପୁର। ଏଥିପ୍ରତି ଗୁରୁତ୍ୱ ଦେବାକୁ ଜନସାଧାରଣରେ ଦାବି କରିଛନ୍ତି। ଗ୍ରାମଗୁଡ଼ିକ ଖୋଦ୍ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରାଙ୍କ ନିର୍ବାଚନମଣ୍ଡଳୀ ହୋଇଥିବା ବେଳେ ଏଦିଗରେ କାର୍ଯ୍ୟାନୁଷ୍ଠାନ ନିଆନଯିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

# ଫ୍ଲାଏଓଭର୍ ନିର୍ମାଣରେ ଦୁର୍ନୀତି: ବିଜେପିର ରିଲେ ଅନଶନ

**ଜଟଣୀ,୧୪।୫/ଏନ୍‌ଏନ୍‌ଏସ୍:** ବହୁ ପ୍ରତୀକ୍ଷିତ ଜଟଣୀ ଫ୍ଲାଏ ଓଭରବ୍ରିଜ ନିର୍ମାଣ କ୍ଷେତ୍ରରେ ଠିକାଦାର ପକ୍ଷରୁ ହୋଇଥିବା ବ୍ରିଜ ନିର୍ମାଣ କାର୍ଯ୍ୟ ଦୁର୍ନୀତି ଅଭିଯୋଗରେ ସମ୍ପୃକ୍ତ ଠିକା ସଂସ୍ଥାକୁ ବାତିଲ କରାଯାଇଛି।

ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ଏବେ ଆଶା ଓ ଆଶଙ୍କା ଥିବା ନେଇ ଜଟଣୀ ବିଜେପି ପକ୍ଷରୁ ବିଜେପି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରୁ ରିଲେ ଅନଶନ ସ୍ଥାନୀୟ ସୀତାରାମ ଛକଠାରେ ଆରମ୍ଭ ହୋଇଛି। ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ଓଭରବ୍ରିଜ୍ ନିର୍ମାଣକାର୍ଯ୍ୟ କେବେ ସରିବ।

ବ୍ରିଜ ନିର୍ମାଣରେ ଦୁର୍ନୀତି ଗ୍ରସ୍ତଙ୍କୁ କଠୋର ଦଣ୍ଡ, ଉଚ୍ଛେଦିତ ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ପ୍ରଶ୍ନ କରାଯାଇଛି। ଆଜି ଦ୍ୱିତୀୟ ଦିନରେ ଅନଶନରେ ଜଟଣୀ ବ୍ୟବସାୟୀ ସଂଘ ସାମିଲ ହୋଇଛି। ଏହି ରିଲେ ଅନଶନ ଉତ୍ତର ମିଳିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମୁଖପାତ୍ର ସୁଦୀପ୍ତ ରାୟ କହିଛନ୍ତି। ଏଥିରେ ବିଜେପିର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଅନଶନରେ ବସିଥିଲେ।



# ଅଦିନିଆ ବର୍ଷାରେ ଜନଜୀବନ ବେହାଲ, ଫସଲ ନଷ୍ଟ

**ନରସିଂହପୁର,ସାକ୍ଷୀଗୋପାଳ, ନରଡା,୧୪।୫/ଏନ୍‌ଏନ୍‌ଏସ୍:** ନରସିଂହପୁର ଅଞ୍ଚଳରେ ଆଜି ମଧ୍ୟାହ୍ନ ୧୨ଟାରୁ ଦିନ ୧ଟା ଭିତରେ ହଠାତ୍ କାଳ ବୈଶାଖିର ଉଗ୍ରରୂପ ଦେଖିବାକୁ ମିଳିଥିଲା। ଫଳରେ ପବନ ସହ ବ୍ୟାପକ ବର୍ଷା ହେବାରୁ କ୍ଲବ ଛକ, ଡେଲି ମାର୍କେଟ, ଲକ୍ଷ୍ମୀ ବଜାର, ଶ୍ରୀରାମ ବଜାର ଓ ହାଟ ଛକ ଅଞ୍ଚଳରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ଯାଇଥିଲା। ଆସନ୍ତାକାଲି ସାବିତ୍ରୀ ଅମାବାସ୍ୟା ଥିବାରୁ ଆଜି ଡେଲି ମାର୍କେଟରେ ବ୍ୟାପକ ଗହଳି ହୋଇଥିଲା। ବର୍ଷା ଫଳରେ ନାହିଁନଥିବା ଅସୁବିଧା ଲୋକମାନେ ହୋଇଥିଲେ। କମଳା ଦେଇପୁର ଗ୍ରାମର ପହଲି ସାହୁଙ୍କ ଘରେ ବର୍ଷା ପାଣି ପଶିଯିବାରୁ ବହୁ କ୍ଷୟକ୍ଷତି ହୋଇଛି। ସାକ୍ଷୀଗୋପାଳ ଓ ଡେଲାଙ୍ଗରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ଝଡତୋଫାନ ହେତୁ ବିରି , ମୁଗ ଓ ପନି ପରିବା ଫସଲ ନଷ୍ଟ ହୋଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ରବିଋତୁରେ ପୋକ ମାନଙ୍କ ଦାଉରୁ ଯାହା ବଞ୍ଚିଥିଲା ତାହା ଏବେ ଅଦିନିଆ ବର୍ଷା ଧୋଇଦେଲା ବୋଲି ଚାଷୀ ମାନେ କହିଛନ୍ତି। ଅନ୍ୟପକ୍ଷେ ଓପଡ଼ା ହୋଇ ତଳେ ପଡିଥିବା ମୁଗ ଓ ବିରି ବର୍ଷା ପାଣିରେ ଓଦା ହୋଇ ଗଜା ହେବାକୁ ବସିଲାଣି । ଚଳିତ ବର୍ଷ ଅଦିନିଆ ବର୍ଷାରେ ଧାନ ଫସଲ କ୍ଷତି ହୋଇଥିବାବେଳେ ଏବେ କାଳବୈଶାଖୀ ଯୋଗୁ ରବି ଓ ପନିପରିବା ଫସଲ ନଷ୍ଟକରି ହୋଇଛି। ଯାହାକି ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି । ଏଥିପ୍ରତି ସରକାର ରବିଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। କାଳବୈଶାଖୀ ବର୍ଷା ପ୍ରଭାବରେ ବାଲିପାଟଣା ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ବିଶେଷ କରି ଅମଳ ଅପେକ୍ଷାରେ ରହିଥିବା ରବି ଫସଲ ମୁଗ ବିରି ବର୍ଷାରେ ନଷ୍ଟ ହୋଇଛି। ସୋମବାର ଅପରାହ୍ନରେ ହଠାତ୍ କାଳବୈଶାଖୀ ମାଡ଼ି ଆସିଥିଲା। ଚାଷୀମାନେ ମୁଗ ଓ ବିରି ବିଲରୁ ଉପାଡି ଆଣି ଖଳା ଓ ରାସ୍ତାରେ ଶୁଖାଇଥିବା ବେଳେ ବର୍ଷାରେ ଓଦା ହୋଇଯାଇଥିଲା। ବିଲରେ ଛାଡ଼ି ଆସିଥିବା ମୁଗ ଗଛ ସବୁ ବର୍ଷା ପରେ ପାଣିରେ ଭାସିଥିଲା। ଆଜି ସକାଳୁ ଓଦା ହୋଇଥିବା ମୁଗବିରି ଗୁଡିକ ଗଜା ହୋଇଯାଇଥିବା ଦେଖାଦେଇଛି। ଅଦିନିଆ ବର୍ଷାରେ ପନିପରିବା ଫସଲ ନଷ୍ଟ ହୋଇଛି। ସରକାର ଚାଷୀମାନଙ୍କ ସୁବିଧା ପାଇଁ ଦୃଷ୍ଟି ଦେବାକୁ ନୂତନ ଯୋଜନା କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ନିର୍ମାଣ ଶ୍ରମିକଙ୍କୁ ସାଇକେଲ୍ ବଣ୍ଟନ



**ଜଟଣୀ,୧୪।୫/ଏନ୍‌ଏନ୍‌ଏସ୍:** ମା' ବାରଭୁଜା ନିର୍ମାଣ ଶ୍ରମିକ ସଂଘ ବଡ଼ତୋଟା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସହିତ ୧୫ଜଣଙ୍କୁ ସାଇକେଲ୍ ବଣ୍ଟନ କରାଯାଇଛି। ସରକାରୀସ୍ତରୀୟ ଶ୍ରମିକ ସଂଗଠନ ସମାଜ ନିର୍ମାଣ ଶ୍ରମିକ ସଂଘ ଆୟୋଜନରେ ଆଦି ମଧ୍ୟାହ୍ନରେ ବଡ଼ତୋଟା ମା'ବାରଭୁଜା ଠାକୁରାଣୀଙ୍କ ପ୍ରାଙ୍ଗଣରେ ୨୫୦ ଜଣରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ସଂଘର ସଭାପତି ହରିହର ପରିଡ଼ାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ମାଣ ଶ୍ରମିକମାନଙ୍କ ସୁବିଧା, ସୁଯୋଗ ଏବଂ ସେମାନଙ୍କ ମୌଳିକ ବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା। ପରେ ଶ୍ରମିକ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ବାରଭୁଜା ନିର୍ମାଣ ଶ୍ରମିକ ସଂଘର ୧୫ ଜଣ ଶ୍ରମିକଙ୍କୁ ଜୟକୃଷ୍ଣ ମହାପାତ୍ର ସାଇକେଲ ବଣ୍ଟନ କରିଥିଲେ।

# ନମିତାରାଣୀ ଦାସଙ୍କ ସ୍ମୃତିସଭା ଓ ପୁସ୍ତକ ଉନ୍ମୋଚନ

**ନେମାଳ,୧୫।୫/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଗ୍ରାମର ଜଣେ ଧର୍ମପରାୟଣ ମହିଳା ସ୍ୱର୍ଗତା ନମିତାରାଣୀ ଦାସଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲାପରିଷଦ ସଭ୍ୟା ସୁଭଦ୍ରା ଦାଶ, ବିଶିଷ୍ଟ ଅତିଥି ଭାବେ ସମାଜସେବୀକା ଅପର୍ଣ୍ଣା ନାୟକ, ମୁଖ୍ୟବକ୍ତା ଭାବେ ସମାଜସେବୀ ବାସନ୍ତୀ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡଃ. ଦିଲ୍ଲୀପ ଦେ, ବିଶିଷ୍ଟ କବି ବସନ୍ତ କୁମାର ଘୋଷ, ଇଂ. ଆକାଶ ଭୂୟାଁ, ବରିଷ୍ଠ ନାଗରିକ ରାମଚନ୍ଦ୍ର ଦାସ, ଶିବାଶିଷ ପାଲ, ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ, ଡାକ୍ତର ଉମେଶ ଚନ୍ଦ୍ର ପାଲ, ଶିକ୍ଷକ ଲକ୍ଷ୍ମୀନାରାୟଣ ବରାଳ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତା ନମିତାରାଣୀ ଦାସଙ୍କ ଜୀବନାଦର୍ଶ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରି ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ 'ମହିମାମୟୀ ନମିତାରାଣୀ' ଶୀର୍ଷକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ବ୍ୟବସ୍ଥାପକ ଅଧାପକ ବିନୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜାରରେ ମୁକୁଳା ପଡିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ବ୍ରହ୍ମଗିରି,୧୪।୫/ଏନ୍‌ଏନ୍‌ଏସ୍:** ପୁରୀ-ସାତପଡ଼ା ରାଜପଥର ବ୍ରହ୍ମଗିରି ବଜାରର ଗୋପଛକରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ଏହି ଛକଠାରେ ଗାଡ଼ି ରଖି ଶହଶହ ପର୍ଯ୍ୟଟକ ଶ୍ରୀଜିଉଙ୍କୁ ଦର୍ଶନ ନିମନ୍ତେ ଯାଇଥାନ୍ତି। ଏହି ଛକରେ ପ୍ରାୟ ସବୁବେଳେ ଜନ ଗହଳି ଲାଗି ରହିଥାଏ। ଏଠାରେ ବସିଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନସଫର୍ମର ମୁକୁଳା ପଡିଛି। ବାଉଁଶ ବତାରେ ଶକ୍ତିଶାଳି ଫ୍ୟୁଜ୍ ବନ୍ଧା ହୋଇଥିବା ଦେଖିବାକୁ ମିଳିଛି। ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ପଡି ରହିଛି ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ଏହି ଟ୍ରାନ୍ସଫର୍ମର ଚାରି ପାଖରେ ସିମେଣ୍ଟ ବାଡ଼ ଦେଇ ବିପଦ ମୁକ୍ତ କରିବାକୁ ଦାବି ହୋଇଛି।

# ଅସରାଏ ବର୍ଷାରେ ରାସ୍ତା ଜଳାର୍ଣ୍ଣବ, ଯାତ୍ରୀ ହିନସ୍ତା



**ଫୁଲନଖରା,କଣ୍ଟାପଡ଼ା,ନିରାକାରପୁର, କଣାସ, ୧୪।୫/ଏନ୍‌ଏନ୍‌ଏସ୍ :** ଅଦିନିଆ ବର୍ଷାରେ ବିଭିନ୍ନ ରାସ୍ତା ଜଳାର୍ଣ୍ଣବ ପାଲଟୁଛି। ୧୬ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଫୁଲନଖରା ସର୍ଭିସ ରୋଡରେ ଅସରାଏ ବର୍ଷାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି । ଫଳରେ ଗମନାଗମନରେ ଅସୁବିଧା ସୃଷ୍ଟି ହେଉଛି। ଏହାଦ୍ୱାରା ନୂଆକାଚରାମାଳ ଅଧିବାସୀ ଯିବା ଆସିବାରେ ଘୋର ସମସ୍ୟା ଭୋଗୁଛନ୍ତି। ଏପରିକି ବର୍ଷା ହେବାର ଏକ ସପ୍ତାହ ପର୍ଯ୍ୟନ୍ତ ଏଠାରେ ପାଣି ଜମି ରହୁଥିବାରୁ ଏହା ଦୁର୍ଗନ୍ଧ ହେବା ସହିତ ମଶାଙ୍କ ସଂଖ୍ୟା ବଢୁଛି। ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥାର ଦୂରଦୃଷ୍ଟି ଅଭାବ ତଥା ନିର୍ମାଣଗତ ତ୍ରୁଟି ଯୋଗୁ ନୂଆକାଚରାମାଳବାସୀ ଏପରି ଅସୁବିଧା ଭୋଗୁଛନ୍ତି ବୋଲି କୁହାଯାଉଛି। ଆଗାମୀ ବର୍ଷାଋତୁ ପୂର୍ବରୁ ଏହାର ମରାମତି ତଥା ବର୍ଷାଜଳ ନିଷ୍କାସନ ନିମନ୍ତେ ସ୍ଥାୟୀ ବ୍ୟବସ୍ଥା କରିବାକୁ ସ୍ୱାଧୀନଚେତା ମହାନ୍ତି, କାନନବିହାରୀ ନାୟକ, ବଦ୍ରିନାଥ ପଟ୍ଟନାୟକ, ଫୁଲନଖରା ବ୍ୟବସାୟୀ ସଂଘ ସଭାପତି କିଶୋର ପଟ୍ଟନାୟକ, ପ୍ରଶାନ୍ତ କୁମାର ପଟ୍ଟନାୟକ, ୫୯ନମ୍ବର ୱାର୍ଡ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ଲକ୍ଷ୍ମଣ ପଟ୍ଟନାୟକ, ଧ୍ରୁବଚରଣ ବେହେରା, ଶିଶିର କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି। ସେହିପରି କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ଅଡ଼ଶପୁରଠାରୁ କସର୍ଦ୍ଦାକୁ ସଂଯୋଗ କରୁଥିବା ରାସ୍ତାରେ ପାଣି ଜମି ରହୁଛି। ଯାତ୍ରୀଙ୍କ ସମେତ ଯାନବାହନ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଜଗତସିଂହପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ନିର୍ମାଣରେ ତ୍ରୁଟି ଓ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନଥିବା ଯୋଗୁ ରାସ୍ତାରେ ପାଣି ଜମିରହୁଛି। ଅନ୍ୟପକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ବିଭିନ୍ନ ସ୍ଥାନରେ ଜବରଦଖଲ ହେବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାର ଖାଲଖମା ହୋଇଥିବା ସ୍ଥାନରୁ ପାଣି ନିଷ୍କାସନ ନିମନ୍ତେ ସ୍ଥାୟୀ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ନିରାକାରପୁର ବଜାର ଦେଇ ଯାଇଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ଆଣ୍ଠୁଏ ପାଣି ଚାଲୁଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଡ୍ରେନ୍‌କୁ କିଛି ଅସାଧୁ ବ୍ୟବସାୟୀ ବର୍ଜ୍ୟବସ୍ତୁ ପକାଇ ପୋତିଦେବା ଫଳରେ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଡ୍ରେନ୍ ପାଣି ଜମା ହୋଇ କେତେକ ଘରେ ପଶିଯାଇଥିଲା। ବର୍ଷାଋତୁ ପୂର୍ବରୁ ଡ୍ରେନ୍ ସଫା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

କାଳବୈଶାଖୀ ବର୍ଷା, ପବନ ଝଡ଼ ଦୀର୍ଘ ୪୫ଦିନ ହେଲା ଲାଗିରହିଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକର ଜନସାଧାରଣ ଓ ଋଷୀମାନେ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଡାସ ଗ୍ରାମ ପଞ୍ଚାୟତର କଖାରୁବସ୍ତ ଗ୍ରାମରେ ବର୍ଷାଜଳ ନିଷ୍କାସନ ପାଇଁ ଦୁଇପାର୍ଶ୍ୱରେ ଡ୍ରେନ୍ ନଥିବାରୁ ଗାଁ ମଝିରେ ପାଣି ଦୀର୍ଘଦିନ ହେଲା ଜମିରହୁଛି । ଦୈନନ୍ଦିନ ଗ୍ରାମବାସୀମାନେ ଏହି ପାଣି ମଧ୍ୟରେ ଯାତାୟତ କରୁଥିବାରୁ ପାଦ ଓ ଗୋଡ ପାଣିଖାଇଯିବାସହ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡିଛି। ତୁରନ୍ତ ବ୍ଲକ୍ ପ୍ରଶାସନ ପକ୍ଷରୁ ଗ୍ରାମର ଯାତାୟାତ ପାଇଁ ଗ୍ରାମର ଦୁଇପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦାବିକରିଛନ୍ତି।

# ମନ୍ତ୍ରୀଙ୍କ ଅଞ୍ଚଳରେ ଯୁବବାହିନୀ ଗଠନ ନୈରାଶ୍ୟଜନକ

**କନ୍ଦରପୁର,୧୪।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିବାକୁ ସରକାରଙ୍କ ଯୁବବ୍ୟାପାର ବିଭାଗ ଅଧୀନରେ ପଞ୍ଚାୟତ ଓ ୱାର୍ଡସ୍ତରରେ ଯୁବକ ଯୁବତୀମାନଙ୍କୁ ନେଇ ବିଜୁ ଯୁବବାହିନୀ ଗଠନ କରାଯିବାକୁ ଘୋଷଣା କରାଯାଇଛି। ତେବେ କ୍ରୀଡ଼ା, ଯୁବବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ କଟକ ସଦର ବ୍ଲକ୍‌ରେ ଏହା ନୈରାଶ୍ୟଜନକ ବୋଲି ପ୍ରାଥମିକ ସର୍ବେକ୍ଷଣରୁ ଜଣାପଡ଼ିଛି। ୨୩ଟି ପଞ୍ଚାୟତରୁ ମାତ୍ର ୩ଟି ଆମଣ, ଖଣ୍ଡେଏତା, ଯଶପଡ଼ା ପଞ୍ଚାୟତ ଓ ମହାନଗର ନିଗମର ୬ଟି ୱାର୍ଡ ମଧ୍ୟରୁ ମାତ୍ର ୨ଟି ୫୧ ନଂ ଓ ୫୯ନଂ ୱାର୍ଡରେ ବିଜୁ ଯୁବବାହିନୀ ଗଠିତ ହୋଇଛି। ଅନ୍ୟ ପଞ୍ଚାୟତରେ ଯୁବବାହିନୀ ଗଠନର ମୂଳଦୁଆ ପଡ଼ି ନଥିବା ବେଳେ ଏହା ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀଙ୍କୁ ସମୀକ୍ଷା ବୈଠକରେ ତାଗିଦ୍ କରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

# ଶିକ୍ଷା ସହାୟକମାନଙ୍କୁ ନିୟମିତ କରିବାରେ କାଳକ୍ଷେପଣ ନୀତି

**ବାଙ୍କୀ,୧୪।୫/ଏନ୍‌ଏନ୍‌ଏସ୍ :** କଟକ ଜିଲ୍ଲା ଶିକ୍ଷା ସହାୟକମାନଙ୍କୁ ନିୟମିତ କରିବାରେ ସର୍ବଶିକ୍ଷା ଅଭିଯାନ କଟକ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ କାଳ କ୍ଷେପଣ ନୀତି ଅବଲମ୍ବନ କରୁଥିବା କଟକ ଜିଲ୍ଲା ଶିକ୍ଷା ସହାୟକ ସଂଘ ପକ୍ଷରୁ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ୨୦୧୭ ମାର୍ଚ୍ଚ ସୁଦ୍ଧା ଯେଉଁ ଶିକ୍ଷା ସହାୟକ ମାନେ ୬ବର୍ଷ କାର୍ଯ୍ୟ କରିଛନ୍ତି ସେମାନଙ୍କ ଋକିରି ନିୟମିତ କରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲା ପ୍ରକଳ୍ପ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ କଟକ ଜିଲ୍ଲାର ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ମାନେ ଶିକ୍ଷା ସହାୟକ ମାନଙ୍କୁ ନିୟମିତ କରିବା ସମ୍ପର୍କୀୟ କାଗଜପତ୍ର କଟକ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇଛନ୍ତି। ହେଲେ ସେଠାରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କଟକ ଜିଲ୍ଲା ଶିକ୍ଷା ସହାୟକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟର ରାୟଗଡ଼ା, କୋରାପୁଟ, ମୟୁରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର ସମେତ କେତେକ ଜିଲ୍ଲାରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିସାରିଥିଲେ ମଧ୍ୟ କଟକ ଜିଲ୍ଲାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିକ୍ଷା ସହାୟକ ମାନଙ୍କୁ ନିୟମିତ କରାଯିବା ପାଇଁ ଅନୁରୋଧ କରାଯାଇଛି।


**ଭାରତ ସରକାର**
**ଆଣବିକ ଶକ୍ତି ବିଭାଗ**
**ନିର୍ମାଣ, ସେବା ଏବଂ କୋଠାବାଡି ପରିଚାଳନା ନିର୍ଦ୍ଦେଶାଳୟ**

ନିସେସଂପ୍ରନି DCSEM ATOMS IN THE SERVICE OF THE NATION

**ଇ-ଟେଣ୍ଡର ଆହ୍ୱାନ ପାଇଁ ନୋଟିସ୍**

**NIT No.: DCSEM/CQD/QSC/STP-Vizag/NIT/10/2018-19dt.14.05.2018**

ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଇ-ଟେଣ୍ଡର ମାଧ୍ୟମରେ ମୁଖ୍ୟ, ମେକାନିକାଲ ଡିଭିଜନ୍, ଡିସିଏସ୍‌ଇଏମ୍, ଡିଏଇ, ଭି.ଏସ୍. ଭବନ, ଅନୁଶକ୍ତିନଗର, ମୁମ୍ବଇ-୯୪ ଯୋଗ୍ୟ ଠିକାଦାରଙ୍କ ଠାରୁ (୨ଟି ବିଡ୍‌ରେ) ଟେଣ୍ଡର ଆହ୍ୱାନ କରୁଛନ୍ତି। ଟାଟା ମେମୋରିଆଲ୍ ସେଣ୍ଟର ଅଗନାମ୍ପୁଡି, ବିଶାଖାପାଟଣା ଠାରେ ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଆଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାନ୍ ଏବଂ ଡିଲେ ଟ୍ୟାଙ୍କ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଅଛି। ଡିଜାଇନ୍, ସପ୍ଲାଏ, ଇନ୍‌ଷ୍ଟଲେସନ୍, ଟେଷ୍ଟିଙ୍ଗ୍ ଏବଂ କମିସନିଂ ଭଳି ସିଭିଲ୍ ମେକାନିକାଲ, ଇଲେକ୍ଟ୍ରିକାଲ୍ ଉପକରଣ ଓ ଆନୁସଙ୍ଗିକ କାର୍ଯ୍ୟପାଇଁ ଏହି ଟେଣ୍ଡର ଆହ୍ୱାନ କରାଯାଇଛି। ଆନୁମାନିକ ଟେଣ୍ଡର ମୂଲ୍ୟ ଟ.୩୭୬.୭୫ ଲକ୍ଷ, ଇଏମ୍‌ଡି ଟ.୭,୫୩,୫୦୦/-, କାର୍ଯ୍ୟ ଶେଷ ଅବଧି: ୧୨ ମାସ, ଟେଣ୍ଡର ପ୍ରୋସେସିଂ ମୂଲ୍ୟ ଟ.୫,୯୦୦/- । www.tenderwizard.com/DAE ୱେବ୍‌ସାଇଟ୍‌ରେ ଟେଣ୍ଡର ନୋଟିସ୍ ଏବଂ ସମସ୍ତ ତଥ୍ୟ ଉପଲବ୍ଧ । ଆଇଟିଆଇ ଲିମିଟେଡ୍ ନିଉ ଦିଲ୍ଲୀଙ୍କୁ ଇ-ପେମେଣ୍ଟ ମାଧ୍ୟମରେ ଟେଣ୍ଡର ପ୍ରୋସେସିଂ ଫି ଦେୟ ଯୋଗ୍ୟ । ତା.୧୬.୦୫.୨୦୧୮ (୧୧.୦୦ ଘଣ୍ଟା) ଠାରୁ ତା.୦୭.୦୬.୨୦୧୮ (ଅପରାହ୍ନ ୩.୦୦ ଘଣ୍ଟା) ମଧ୍ୟରେ ଟେଣ୍ଡର ସମ୍ପର୍କିତ ଦସ୍ତାବିଜ୍ ଡାଉନ୍‌ଲୋଡ୍ ଏବଂ ଦେଖାଯାଇପାରିବ। ତା.୧୬.୦୫.୨୦୧୮ (ଦିବା ୧୨.୦୦ ଘଣ୍ଟା) ଠାରୁ ତା.୧୧.୦୬.୨୦୧୮ (ଅପରାହ୍ନ ୩.୦୦ ଘଣ୍ଟା) ମଧ୍ୟରେ ସମ୍ପୃକ୍ତ ୱେବ୍‌ସାଇଟ୍‌ରେ ପ୍ରି-ବିଡ୍ ପ୍ରଶ୍ନ ଅପ୍‌ଲୋଡ୍ କରାଯାଇପାରିବ। ତା.୧୮.୦୬.୨୦୧୮ (ସନ୍ଧ୍ୟା ୫.୦୦ ଘଣ୍ଟା) ସୁଦ୍ଧା ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରାଯାଇପାରିବ। ଇଏମ୍‌ଡି ବାବଦକୁ ରସିଦ୍ (ହାର୍ଡ କପି) ତା.୧୯.୦୬.୨୦୧୮ (ଅପରାହ୍ନ ୩.୦୦ ଘଣ୍ଟା) ମଧ୍ୟରେ ଆବେଦନକାରୀ ଗ୍ରହଣ କରିପାରିବେ। ତା.୧୯.୦୬.୨୦୧୮ ଅପରାହ୍ନ ୩.୩୦ ଘଟିକା ସମୟରେ ଅନ୍‌ଲାଇନ୍ ଟେଣ୍ଡର (ଟେକ୍‌ନିକାଲ ବିଡ୍) ଖୋଲାଯିବ। ସଫଳ ବିଡର୍ସମାନଙ୍କ ଫାଇନାନ୍‌ସିଆଲ୍ ବିଡ୍ ଖୋଲାଯିବା ତାରିଖ ନେଇ ପରବର୍ତ୍ତୀ ସମୟରେ ଅଲଗା ଭାବରେ ନୋଟିସ୍ ଜାରି କରାଯିବ। ସଦିଶେଷ ଏନ୍‌ଆଇଟି www.dcsem.gov.in ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଅଧିକ ସୂଚନା ପାଇଁ ୦୨୨-୨୫୪୮୭୪୧୬ / ୭୪୩୭, ଫ୍ୟାକ୍ସ:୦୨୨-୨୫୫୬୫୩୬୨ରେ ଯୋଗାଯୋଗ କରନ୍ତୁ।